ସକାଳ THE SAKALA



www.sakalaepaper.com



ଫଟୋ- ଶୁଭ୍ରାଂଶୁ କୁମାର ନାଏକ, ସିନାପାଲି

ଓହୋଃ... କି ଶୋଷ । ଟାଣ ଖରା ସାଙ୍ଗକୁ ଗ୍ରୀଷ୍ମ ପ୍ରବାହରେ ତୃଷ୍ଣା ମେଣ୍ଟାଉଛି କାଉ

## ଜବରଦଖଲ ଉପରେ ଚାଲିଲା ବୁଲ୍‌ଡୋଜର

# ବେନେକେଲା ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲା ପ୍ରଶାସନ

କେସିଙ୍ଗା,୨୭ ।୪(ସମିସ)

ଜବରଦଖଲକାରୀଙ୍କୁ ବାଜିଛି ସରକାରୀ ଛାଟ। ରାସ୍ତାକୁ ଜବରଦଖଲ କରି ଘର କରିଥିବାଲୋକଙ୍କ ଘରେ ବୁଲଡୋଜର ଚାଲିଛି। ସୋମବାର ସକାଳୁ କେସିଙ୍ଗା ପୁଲିସର ସହଯୋଗରେ ତହସିଲଦାର ପ୍ରଶାନ୍ତି ପ୍ରଧାନ ଦଳବଳ ଓ ଜେସିବି ନେଇ ପହଞ୍ଚିଥିଲେ କଣ୍ଟପଡ଼ା ପଞ୍ଚାୟତର ବିନେକେଲା ଗ୍ରାମରେ ପହଞ୍ଚିଥିଲେ। ସରକାରୀ ରାସ୍ତାକୁ ଜବରଦଖଲ କରି ଘର ତିଆରି କରିଥିବା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଘରକୁ ଭାଙ୍ଗି ଜବରଦଖଲ ଉଚ୍ଛେଦ କରାଯାଇଥିଲା।



ସୂଚନା ଅନୁସାରେ, ବେନେକେଲା ଗ୍ରାମର କିଛିଲୋକ ଗ୍ରାମ ଭିତରେ ଥିବା ରାସ୍ତା ଉପରେ ଜବରଦଖଲ କରି ଘର ତିଆରି କରୁଥିବାରୁ ବର୍ଷାଦିନେ ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଥିଲା। ରାସ୍ତା ସଂକୀର୍ଣ୍ଣ ହେବା ସହିତ ପାଣି ନିଷ୍କାସନ ପାଇଁ ଅନେକ ଅସୁବିଧା ଭୋଗୁଥିଲେ। ଫଳରେ ନା ଗ୍ରାମରେ ଭଲ ରାସ୍ତା ତିଆରି ହୋଇ ପାରୁଥିଲା ନା ପାଣି ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ହୋଇପାରୁ ଥିଲା। ଏପରିକି ଗ୍ରାମରେ ଥିବା ଅଙ୍ଗନବାଡ଼ିକେନ୍ଦ୍ର ସମ୍ମୁଖରେ ପାଣି ଜମାହୋଇ କୃତ୍ରିମ ବନ୍ଧ ସୃଷ୍ଟି ହେଉଥିଲା। ସେହି ସମୟରେ ଅଞ୍ଚଳର ଅନେକ ଗଣମାଧ୍ୟମରେ ମଧ୍ୟ ଉକ୍ତ ବିଷୟ ଉପରେ ଖବର ପ୍ରସାରଣ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା ଓ କିଛି ଗ୍ରାମବାସୀ ମଧ୍ୟ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଯାଇ ତହସିଲଦାରଙ୍କୁ ସାକ୍ଷାତ କରି ଜବରଦଖଲ ଉଚ୍ଛେଦ ପାଇଁ ଅଭିଯୋଗ କରିଥିଲେ। ଅଭିଯୋଗ ମିଳିବା ପରେ ସେହି ଅଞ୍ଚଳର ରାଜସ୍ୱ ଅଧିକାରୀଙ୍କୁ ବିଷୟ ଉପରେ ତଦନ୍ତକରି ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ଜବରଦଖଲ ହୋଇଥିବା ପ୍ରମାଣ ମିଳିବା ପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜବରଦଖଲକାରୀଙ୍କୁ ସରକାରୀ ଜମି ଉଚ୍ଛେଦପାଇଁ ଦୁଇଥର ନୋଟିସ ପଠାଯାଇଥିଲା; ହେଲେ ଜବରଦଖଲକାରୀ ନୋଟିସର କୌଣସି ଯବାବ ଦେଇନଥିଲେ। ଜବରଦଖଲ ନ ହଟାଇବାରୁ ରବିବାର ତହସିଲଦାର ସ୍ଥାନୀୟ ପୁଲିସର ସହାୟତାରେ ସରକାରୀ ରାସ୍ତାଉପରେ ଜବରଦଖଲ କରିଥିବା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଜବରଦଖଲ ଉଚ୍ଛେଦ କରାଯାଇଥିଲା।

## ପତୋରା ଡ୍ୟାମ୍ ଅଞ୍ଚଳରେ ଉଜୁଡ଼ିବ ରବିଚାଷ

# ଅବହେଳା କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ନୂଆପଡ଼ା,୨୭ ।୪(ସମିସ) : ନୂଆପଡ଼ା ଜଳସେଚନ ବିଭାଗର ଅବହେଳା ଏବଂ କୁଜିନେତାଙ୍କ ପ୍ରରୋଚନାରେ ଆଜି ନୂଆପଡ଼ା ଜିଲ୍ଲା ପତୋରା (ଅପରଜୋଙ୍କ ଜଳସେଚନ ପ୍ରକଳ୍ପ)ରେ ହଜାର ହଜାର ହେକ୍ଟର ଜମିର ରବି ଫସଲ ଉଜୁଡ଼ିଯିବାର ସମ୍ଭାବନା ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ୭ଦିନ ମଧ୍ୟରେ ଚାଷୀଙ୍କ ଧାନଚାଷ ବଞ୍ଚାଇବାକୁ ବ୍ୟବସ୍ଥା କରିବା ସହ ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ନୂଆପଡ଼ା ଜିଲ୍ଲା ଆମ ଆଦମୀ ପାର୍ଟି ତରଫରୁ ଦାବି କରାଯାଇଛି। ନଚେତ ଜଳସେଚନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ଦଳୀୟକାର୍ଯ୍ୟକର୍ତ୍ତା। ପତୋରାଅପରଜୋଙ୍କ ଜଳସେଚନ ପ୍ରକଳ୍ପ ଶୁଖିଗଲାଣି। ଅଭିଯୋଗ ଅନୁସାରେ ଚଳିତବର୍ଷ ଆବଶ୍ୟକତାରୁ ଅଧିକ ବର୍ଷା ସତ୍ତ୍ୱେ ଜଳସେଚନ ବିଭାଗ



ମୁଖ୍ୟ ଜାଣିଶୁଣି ୩/୪ମିଟର ପାଣିକୁ ଖୋଲି ଦେଲେ; ପାଣି କମ୍ ଥିବା ହେତୁ ବିଭାଗ ଏବଂ ଚାଷୀ ନେତାଙ୍କ ବୈଠକରେ ୪ହଜାର ପରିବର୍ତ୍ତେ ୧୯ଶହ ହେକ୍ଟର ଜମିରେ ରବିଚାଷ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଚାଷୀମାନେ ପୂର୍ବବତ ୪ହଜାର ହେକ୍ଟର ଜମିରେ ଚାଷ କରିଦେଲେ। ହେଲେ ଏହାକୁ ଜାଣି ଶୁଣି ଡ୍ୟାମରୁ ପାଣି ଖୋଲି ଦିଆଯାଇଥିଲା। ଦୀର୍ଘ ଦୁଇ ମାସ ପାଣି ଚାଲିଲା ପରେ ଡ୍ୟାମ ଶୁଖିଗଲା। ବର୍ତ୍ତମାନ ଗୋଟିଏ ପଟେ ପାନୀୟଜଳ ସଙ୍କଟ ଏବଂ ଅନ୍ୟପଟେ ଚାଷ ସମସ୍ୟା। ନୂଆପଡ଼ା ଜଳସେଚନ ବିଭାଗ ଅଧିକାରୀ ଓ ଯନ୍ତ୍ରୀଙ୍କ ଅପାରଗତା ଓ ଦାୟିତ୍ୱହୀନତା ଯୋଗୁଁ ବର୍ତ୍ତମାନ ହଜାରହଜାର ହେକ୍ଟର ଜମିରେ ଚାଷ ମରିବାକୁ ଯାଉଛି। ପ୍ରତିଦିନ ଧାନ ମରିବାକୁ ବସିଛି। ଚାଷୀକ୍ଷେତକୁ ଯାଇପାରୁନି। ଦିନକୁ ଦିନ ଖରା ବଢ଼ିବା ସାଙ୍ଗକୁ ଚାଷୀଙ୍କ ଦୁର୍ଦ୍ଦଶା ମଧ୍ୟ ଦ୍ୱିଗୁଣିତ ହେଉଛି। ପ୍ରଶାସନ ତରଫରୁ ଚାଷୀଙ୍କ ଧାନକିପରି ବଞ୍ଚିବ ସେଥିପାଇଁ ପଦକ୍ଷେପ ନେବାସହ କ୍ଷତିପୂରଣ ରାଶି ଦେବାକୁ ଆମ ଆଦ୍‌ମୀ ପାର୍ଟି ଜିଲ୍ଲା ସଭାପତି ହିତେଶ ପାଣ୍ଡେ ଦାବି କରିଛନ୍ତି। ନଚେତ ଧାରଣା ଦେବେବୋଲି ହିତେଶ ପାଣ୍ଡେ ପ୍ରେସ୍ ବିବୃତି ମାଧ୍ୟମରେ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ତୁରକେଲ ସେତୁ ନିର୍ମାଣ ଦାବିରେ ଅନିର୍ଦ୍ଦିଷ୍ଟକାଳ ଗଣଧାରଣା




ଭବାନୀପାଟଣା,୨୭ ।୪(ସମିସ): ତୁରକେଲ ସେତୁର ତୁରନ୍ତ ନିର୍ମାଣ ଦାବି ନେଇ କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜିଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯାଇଛି।

ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ଭାରତଭୂଷଣ ବେମାଲ, ବ୍ରଜ ସାହୁ, ସୁବାସ ପ୍ରଧାନ, ଯୁବନେତା ମହମ୍ମଦ ସାହେବ, ସୁକାନ୍ତ ବିଶି, ବାବା ଖାନ, ସନ୍ତୋଷ ପଣ୍ଡା, ମହିଳା ନେତ୍ରୀ ମନ୍ଦାକିନୀ ବାଣ୍ଡୁଆ, ସୁକାନ୍ତି ସରାଫ, ମାଣିକ୍ୟ ସୁନା, ସନ୍ତୋଷ ପ୍ରଧାନ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପିକ୍‌ଅପ୍ ଧକ୍କାରେ ମାମୁ ଓ ଭଣଜାଙ୍କ ମୃତ୍ୟୁ

ଜୁନାଗଡ଼,୨୭ ।୪(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ବୁଢ଼ିପଦର ଛକରୁ ସୋମବାର ସକାଳୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏକ ପିକ୍‌ଅପ୍ ଧକ୍କାରେ ମାମୁ ଓ ଭଣଜାଙ୍କ ମୃତ୍ୟୁ ଘଟିଛି। ମୃତକ ମାନେ ହେଲେ ଜୁନାଗଡ଼ ବ୍ଲକ୍ ଚିକଲି ଗାଁର ମୁକେଶ ନାଗ (୧୮) ଓ ମାଟିଗାଁର ମହେନ୍ଦ୍ର ନାଏକ (୧୩)। ମାମୁଭଣଜା ଏକ ବାଇକ୍‌ରେ ଜୁନାଗଡ଼କୁ ଯାଉଥିବାବେଳେ ବୁଢ଼ିପଦର ଛକରେ ଏକ ପିକ୍‌ଅପ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଜୁନାଗଡ଼ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମ.ରାମପୁର ବିଶ୍ୱକର୍ମା ସମାଜର ନୂତନ କର୍ମକର୍ତ୍ତା ଚୟନ

ମ.ରାମପୁର,୨୭ ।୪(ସମିସ): ମ.ରାମପୁର ବିଶ୍ୱକର୍ମା ସମାଜର ନୂତନ କର୍ମକର୍ତ୍ତା ଚୟନ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଞ୍ଚ ଜଣିଆ ଉପଦେଷ୍ଟା ମଣ୍ଡଳୀ ଧନୁର୍ଜୟ ମହାରଣା, ଗଣେଶ ପ୍ରସାଦ ମହାରଣା, ଶରତ ଚନ୍ଦ୍ର ମହାରଣା, ଦୀନବନ୍ଧୁ ମହାରଣା, ନିରଞ୍ଜନ ମହାରଣା ରହିଥିବାବେଳେ ସଭାପତି ଶେଷଦେବ ମହାରଣା, ଉପସଭାପତି ପ୍ରଶାନ୍ତ ମହାରଣା, କାର୍ଯ୍ୟକାରୀ ସଭାପତି ଈଶ୍ୱର ମହାରଣା, ସାଧାରଣ ସମ୍ପାଦକ ସୁଶାନ୍ତ ମହାରଣା, ଯୁଗ୍ମ ସମ୍ପାଦକ ରଞ୍ଜନ ମହାରଣା, ବ୍ରଜମୋହନ ମହାରଣା, ସଂଗଠନ ସମ୍ପାଦକ ସୁରେଶ କୁମାର ମହାରଣା ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ମାନସରଞ୍ଜନ ମହାରଣା, କାର୍ଯ୍ୟକାରିଣୀ ମୁଖ୍ୟ ସୁରେସନ ମହାରଣା, ସୌମ୍ୟ ରଞ୍ଜନ ମହାରଣା,ଭଗବାନ ମହାରଣା,ସାଇଚରଣ ମହାରଣା,ରାଜେଶ ମହାରଣା, ସାଇପ୍ରସାଦ ମହାରଣା, ଜୟଦେବ ମହାରଣା, ଦିଲୀପ ମହାରଣା ପ୍ରମୁଖ ମନୋନୀତ ହୋଇଥିଲେ।

# ସିନାପାଲି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ସିନାପାଲି,୨୭ ।୪ (ସମିସ): ସିନାପାଲି ବ୍ଲକ୍ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଦ୍ୱାରିକା ନାଥ ଶତପଥୀ, ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝୀ, ବ୍ଲକ ଉପାଧ୍ୟକ୍ଷା ମୀନା ଘିବେଲା, ବିଡିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳି ମାଝୀ, ଏସଡିପିଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ନୂଆପଡାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ସିନାପାଲି ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତ ତଥା ଗ୍ରାମଗୁଡ଼ିକରୁ ୩୧ଟି ବ୍ୟକ୍ତିଗତ ଓ ୧୧ ଟି ଗୋଷ୍ଠୀଗତ ମୋଟ ୪୨ଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା। କେନ୍ଦୁମୁଣ୍ଡା ଗ୍ରାମର ଖିଲେଶ୍ୱରୀ ମାଝୀଙ୍କୁ ଉଚ୍ଚଶିକ୍ଷା ପାଇଁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହ ହେମନ୍ତୀ ମାଝୀ ଓ ମାଳତୀ ସତନାମୀଙ୍କୁ ପାଞ୍ଚ ହଜାର ଟଙ୍କା ଲେଖାଏ ରେଡ୍‌କ୍ରସ ପାଣ୍ଠିରୁ ଚେକ୍ ପ୍ରଦାନ କରାଯାଇଥିଲା। କଇଁଟପଦର ପଞ୍ଚାୟତରେ ଏକ ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ଶିବିର ଓ ପ୍ରବାସୀ ଶ୍ରମିକ ନିରାକରଣ ନିମିତ୍ତ ସଚେତନତା ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ପ୍ରାଣୀସମ୍ପଦ ବିଭାଗ ତରଫରୁ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ଏକ ଶିବିର ସମେତ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ କରାଯାଇଥିଲା।

# ଆବାସ ବିଲ୍ ଅପେକ୍ଷାରେ ୨୦ ହିତାଧିକାରୀ

କଳମପୁର,୨୭ ।୪(ସମିସ): ପ୍ରଧାନମନ୍ତ୍ରୀ ଆବାସ ଘର ଶୀଘ୍ର ନିର୍ମାଣ କର, ନହେଲେ ରାସନ, ଭତ୍ତା ମିଳିବନାହିଁ, ସରକାରୀ କଳ ହିତାଧିକାରୀଙ୍କୁ ଧମକଚମକ କଲେ, ଡରିମରି ଗରିବ ଗୁରୁବା ଲୋକମାନେ ଧାର୍ କରଜ କରି ଆବାସ ସମ୍ପୂର୍ଣ୍ଣ କରିଦେଲେ। ହେଲେ ଆଜକୁ ଚାରି ମାସ ହେଲା ସେମାନଙ୍କ ଖାତାରେ ଫାଇନାଲ ବିଲ୍ ଟଙ୍କା ଜମାହୋଇ ପାରୁନାହିଁ। ହିତାଧିକାରୀମାନେ ବାରମ୍ବାର ବ୍ଲକ୍ ପ୍ରଶାସନ ପାଖକୁ ଦୌଡ଼ି ଦୌଡ଼ି ନିରାଶରେ ଫେରି ଯାଉଛନ୍ତି। ଏମିତି ଘଟଣା କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ୨୦ ଜଣ ହିତାଧିକାରୀ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପଞ୍ଚାୟତ ଅଧିକାରୀମାନେ ମଧ୍ୟ ଫାଇନାଲ ଟଙ୍କା ଜମା ହେଉନଥିବାରୁ ଆଉ ଅଧିକ ହିତାଧିକାରୀଙ୍କ ଘର ନିର୍ମାଣ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ଫାଇନାଲ ବିଲ୍ କରୁ ନ ଥିବା ସୂଚନା ମିଳିଛି। ବ୍ଲକ ପ୍ରଶାସନ ଏନେଇ କୌଣସି ସଠିକ ସୂଚନା ଦେଇ ପାରୁ ନ ଥିବାବେଳେ ହିତାଧିକାରୀ ମାନେ ବ୍ୟାଙ୍କ ଓ ବ୍ଲକ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡିଛନ୍ତି। ଏଥିପାଇଁ ସରକାର ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ହିତାଧିକାରୀମାନଙ୍କ ମହଲରେ ଦାବି ହେଉଛି।

# ଅସୁରଗଡ଼ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ଭବାନୀପାଟଣା,୨୭ ।୪(ସମିସ): ନର୍ଲା ବ୍ଲକ୍ ଅଧୀନ ଅସୁରଗଡ଼ ଗ୍ରାମରେ ନଅ ଦିନ ବ୍ୟାପୀ ଚାଲିଥିବା ଶ୍ରୀରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଆଜି ନାମଯଜ୍ଞର ପୂର୍ଣ୍ଣାହୂତି ହୋଇଛି। ୧୯ରେ ଧାନ୍ୟାଧିବାସ, ୨୦ରେ ମଣ୍ଡଳକରଣ, ୨୧ରେ ଶାଳା ସଂସ୍କାର, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ, ୨୨ରେ ମହାସ୍ନାନ, ୨୩ରେ ବିଗ୍ରହମାନଙ୍କ ପ୍ରାଣପ୍ରତିଷ୍ଠା ଓ ନଗର ଭ୍ରମଣ, ୨୪ରେ ବିଗ୍ରହମାନଙ୍କ ସିଂହାସନ ବିଜେ ଓ ଅପରାହ୍ନରେ ଷୋହଳପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା



ଅନୁଷ୍ଠିତ ହୋଇଥିଲା। ୨୫ ତାରିଖ ସକାଳୁ ନାମାରମ୍ଭ ହୋଇ ୨୬ରେ ଅହୋରାତ୍ର ନାମ ସଂକୀର୍ତ୍ତନ ଏବଂ ୨୭ ତାରିଖ ସକାଳେ ପୂର୍ଣ୍ଣାହୂତି, ନଗର କିର୍ତ୍ତନ ସହ ଏହି ଭବ୍ୟ ଉତ୍ସବ ସମାପନ ହୋଇଛି। ପରିଚାଳନା ସମିତିର ସଭାପତି ଘନଶ୍ୟାମ ପଧାନ ଓ ସମ୍ପାଦକ ତୁଷାରକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ଗୋବିନ୍ଦ ଗଉଡ଼, ନିର୍ମଳ ଗଉଡ଼, ନରୋତ୍ତମ ଗଉଡ଼, ଅମଡ, ଚିତ୍ତ ଗଉଡ, ଜଗଦିଶ ଗଉଡ, ବାରିକ ଗଉଡ, ନାବିକ ଗଉଡ, ତ୍ରିଲୋଚନ ପଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# କେନାଲରେ ପାଣି ଓ ଚାଷୀଙ୍କୁ କ୍ଷତିପୂରଣ ଦାବିକଲା ବିଜେଡି

ଭବାନୀପାଟଣା/ଧର୍ମଗଡ଼,୨୭ ।୪(ସମିସ): ଧର୍ମଗଡ଼ ଉପର ଇନ୍ଦ୍ରାବତୀ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି କେନାଲରେ ପାଣି ଯୋଗାଇବା ସହ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ଆଜି ଦାବିପତ୍ର ପ୍ରଦାନ କରାଯାଇଛି। ରବିଚାଷ ସମୟରେ କେନାଲରେ ପାଣି ଯୋଗାଣ ବନ୍ଦକରି ଦେବାରୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। କେନାଲ ପାଣି ଉପରେ ନିର୍ଭରଶୀଳ ଧର୍ମଗଡ଼ ବ୍ଲକର ଚିଲଚିଲା, ଥନଟ, ମେରଘରା, ଖଇର ପଦର, ରାଜ ମୋଟର, କେରମୁଣ୍ଡା, କନା ଗାଁ, କାଙ୍କେରୀ ଓ ତୁମେରଗୁଡ଼ା ଗ୍ରାମର ଚାଷୀ ଚାଷ କରି ପାରିନାହାନ୍ତି ଓ ନାହିଁ ନ ଥିବା କ୍ଷତି ସହିଛନ୍ତି। ସମ୍ପୃକ୍ତ ଅଞ୍ଚଳକୁ ତୁରନ୍ତ ପାଣି ଯୋଗାଇ ଦେବାସହ କ୍ଷତିର ଆକଳନ କରାଯାଇ ଚାଷୀକୂଳଙ୍କୁ କ୍ଷତିପୂରଣ ଦିଆଯାଉ ନଚେତ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



କରାଯାଇଛି। ଆଜି ବିଜୁ ଜନତା ଦଳର ଧର୍ମଗଡ଼ ବ୍ଲକ ସଭାପତି ଡାକେ ଲହଜଲଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ସମ୍ପାଦକ ପ୍ରଶାନ୍ତ ତିୱାରୀ, ଧର୍ମଗଡ଼ ବ୍ଲକ୍ ସଭାନେତ୍ରୀ ମମତାରାଣୀ ଗୋପାଳ, ଜିଲ୍ଲା ପରିଷଦ ସଭ୍ୟ ଗୋପୀ ମହାନନ୍ଦ, ପ୍ରଣବ କିଶୋର ଭଏଁସାଲ, ରତନ ନାଏକ, ଗୌର ବାଗ, ରାଧାକାନ୍ତ ଗୁରୁ, ଧର୍ମଗଡ଼ ନଗର ସଭାନେତ୍ରୀ ସନ୍ତୋଷିନୀ ନାଏକ, କାଉନସିଲର ଜ୍ୟୋତିର୍ମୟୀ ମହାନନ୍ଦ, ମମତା ବାଗ, ନମିତା ବାଗ, ପୁଷ୍ପାଞ୍ଜଳି ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ବେହେରାଠାରେ ସତସଙ୍ଗ୍ କେନ୍ଦ୍ର ଉଦ୍‌ଘାଟିତ

କୋକସରା,୨୭ ।୪(ସମିସ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ବେହେରା ସ୍ଥିତ ସତ୍ୟାନନ୍ଦ ସତସଙ୍ଗ କେନ୍ଦ୍ର ଉଦ୍‌ଘାଟିତ ହେବା ସହିତ ଭଗବାନ କାଳିକୃଷ୍ଣ, ଶ୍ରୀଗଣେଶ ଏବଂ ସଦଗୁରୁଦେବ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀଗୁରୁ ମନ୍ଦିର ଜୟପୁରର ବଳଦେବାନନ୍ଦ ମହାରାଜ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଏହି ଶୁଭ ଅବସରରେ ଯୋଗଦେଇ ସମସ୍ତ ଭକ୍ତବୃନ୍ଦମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ବେହେରା ଶାଖା ସଂଘ ଓ ଗ୍ରାମବାସୀ ସହଯୋଗ କରିଥିବାବେଳେ ମୁଖ୍ୟ ସଂଘ, ବିଭିନ୍ନ ବିଭାଗର କାର୍ଯ୍ୟକର୍ତ୍ତା, ସତ୍‌ସଙ୍ଗ ପ୍ରେମୀ, ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ଥିଲେ।

# ଦଶମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କ ସମ୍ମାନ ସମାରୋହ



ଭବାନୀପାଟଣା,୨୭ ।୪(ସମିସ): ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣାରେ ଏଆଇଏସ୍‌ଏସ୍‌ଇ ୨୦୨୬ (ସିବିଏସଇ ଦଶମ ବୋର୍ଡ ପରୀକ୍ଷା)ରେ ଉତ୍କୃଷ୍ଟ ଫଳାଫଳ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା। ଏହିବର୍ଷ ୨୨ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ଅଙ୍କ ହାସଲ କରି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ସର୍ବୋଚ୍ଚ ତିନୋଟି ସ୍ଥାନ ଅଧିକାର କରିଛନ୍ତି ସାନିଧ୍ୟ ରାଜୋରିଆ- କଳାହାଣ୍ଡି ଜିଲ୍ଲା ଟପର୍ (୯୯.୨୦%), ମୈତ୍ରେୟୀ ସୁଭଦର୍ଶିନୀ (୯୮.୨୦%) ଏବଂ ନିଲିମା ଅପରାଜିତା ସାହୁ (୯୭.୬୦%)। ବିଦ୍ୟାଳୟର ଅଧ୍ୟକ୍ଷ ଭୀମସେନ ପଣ୍ଡା ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ସେ ତାଙ୍କୁ ଅଭିନନ୍ଦନ ଜଣାଇ ଆଗାମୀ ଜୀବନରେ ଅଧିକ ସଫଳତା ଲାଭ କରିବାକୁ ପ୍ରେରଣା ଦେଇଥିଲେ।

## ଦୁର୍ଗମ ଅଞ୍ଚଳରେ ବିକାଶ ପ୍ରକ୍ରିୟାକୁ ଗତି

# ୧୨ ହିତାଧିକାରୀଙ୍କୁ ଘର କାର୍ଯ୍ୟାଦେଶ ବଣ୍ଟନ

ଥୁଆମୂଳ ରାମପୁର,୨୭ ।୪ (ସମିସ)

କଳାହାଣ୍ଡି ଜିଲ୍ଲାର ଅତ୍ୟନ୍ତ ଦୁର୍ଗମ ଦେର୍ଲାଠି ଗ୍ରାମରେ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି। ଶନିବାର ଥୁଆମୂଳ ରାମପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଗ୍ରାମରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଗୃହ ଯୋଜନା ୨୦୨୬-୨୭ ଅଧୀନରେ ୧୨ ଜଣ ହିତାଧିକାରୀଙ୍କୁ ପକ୍କା ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଠାରେ ଉଲ୍ଲେଖନୀୟ ଯେ, କିଛିଦିନ ପୂର୍ବରୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଓ ଆଇଏଏସ୍ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ ଦୁର୍ଗମ ପାହାଡ଼ିଆ ଚଲାପଥ ଅତିକ୍ରମ କରି ଦେର୍ଲାଠି ଗ୍ରାମକୁ ପରିଦର୍ଶନ କରିଥିଲେ। ସେ ସମୟରେ ଗ୍ରାମର ଆଦିବାସୀ ପରିବାରମାନଙ୍କ ଦୁରାବସ୍ଥା ଅନୁଭବ



କରି ସେମାନଙ୍କୁ ସରକାରୀ ଆବାସ ଯୋଜନାରେ ସାମିଲ କରିବାକୁ ତୁରନ୍ତ ପଦକ୍ଷେପ ନେବା ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତିକୁ କାର୍ଯ୍ୟରୂପ ଦେଇ ଅତ୍ୟଳ୍ପ ସମୟ ମଧ୍ୟରେ ବ୍ଲକ ପ୍ରଶାସନ ହିତାଧିକାରୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି କାର୍ଯ୍ୟାଦେଶ ବଣ୍ଟନ କରିବାରେ ସଫଳ ହୋଇଛି। ସିନ୍ଦିପଦର ପଞ୍ଚାୟତ ଅଧୀନରେ ଥିବା ଏହି ଗ୍ରାମରେ ଏହା ପ୍ରଥମ ଥର ପାଇଁ ଏପରି ବୃହତ୍ ପ୍ରଶାସନିକ ପଦକ୍ଷେପ ଦେଖାଯାଇଛି। କାର୍ଯ୍ୟକ୍ରମ ଅବସରରେ ଶପଥ ଗ୍ରହଣ ଉତ୍ସବ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ହିତାଧିକାରୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣ କାମସମାପ୍ତ କରିବାକୁ ଶପଥ ନେଇଥିଲେ। ଏହି ଅବସରରେ ବିଡିଓ ଧ୍ରୁବଚରଣ ମୁରୁଲି, ଏପିଡି(ଆବାସ ଯୋଜନା) ଅମୂଲ୍ୟ କୁମାର ବାଉଳ, ପିଇଓ ବସିଷ୍ଠ ଶବର, ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ବରିଷ୍ଠଯନ୍ତ୍ରୀ ପ୍ରତାପ କୁମାର ସାହୁ, ବିପିସି(ଆବାସ ଯୋଜନା) ରାଜେନ୍ଦ୍ର ନାରାୟଣ ଦେବ, ବିଏସଏସଓ ସୁନାରାମ ସୋରେନ୍ ଓ ଜିଆରଏସ ବୈକୁଣ୍ଠ ଦିଶାରିଙ୍କ ସହ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।

